# REGIONAL NEWS UNIT, AIR CUTTACK

## Mid-day Bulletin (2.32 PM)

### 25 June – 2026

**********************************

## ମୁଖ୍ୟ ସମ୍ବାଦ

- ଦେଶରେ ଜରୁରୀକାଳୀନ ପରିସ୍ଥିତି ଲାଗୁ ହେବାର ୫୧ ବର୍ଷ ପୂର୍ତ୍ତି ଅବସରରେ ଆଜି ପାଳନ କରାଯାଉଛି ସମ୍ବିଧାନ ହତ୍ୟା ଦିବସ

- 'ମନ୍ କି ବାତ୍'ରେ ଆସନ୍ତା ରବିବାର ଦିନ ଦେଶବାସୀଙ୍କ ସହ ଭାବବିନିମୟ କରିବେ ପ୍ରଧାନମନ୍ତ୍ରୀ

- ରାଜ୍ୟରେ ଶିଶୁବାଟିକାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମିଳିବ ମାଗଣା ସ୍କୁଲ ବ୍ୟାଗ୍

- ପୁରୀ ଶ୍ରୀମନ୍ଦିରରେ ଆଜି ଅନୁଷ୍ଠିତ ହେବ ରୁକ୍ମିଣୀ ବିବାହ ନୀତି

ଏବଂ

- ମୌସୁମୀ ପ୍ରଭାବରେ ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତ ସହ ବର୍ଷା ହେବା ନେଇ ପାଣିପାଗ କେନ୍ଦ୍ରର ସତର୍କ ସୂଚନା

# ସମ୍ବିଧାନ ହତ୍ୟା ଦିବସ

ଭାରତରେ ଜରୁରିକାଳୀନ ପରିସ୍ଥିତି ଲାଗୁ ହେବାର ୫୦ ବର୍ଷ ପୂର୍ତ୍ତିକୁ ଆଜି ସମ୍ବିଧାନ ହତ୍ୟା ଦିବସ ଭାବେ ପାଳନ କରାଯାଉଛି । ୧୯୭୫ ମସିହା ଜୁନ୍ ମାସ ୨୫ ତାରିଖରେ ଭାରତୀୟ ସମ୍ବିଧାନ ପ୍ରତି ଅମର୍ଯ୍ୟାଦା ପ୍ରଦର୍ଶନପୂର୍ବକ ତତ୍କାଳୀନ ସରକାର ଦେଶରେ ଜରୁରିକାଳୀନ ପରିସ୍ଥିତି ଲାଗୁ କରିଥିଲେ। ଏହି ଦିବସ ଅବସରରେ ଆଜି ନୂଆଦିଲ୍ଲୀରେ ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତଙ୍କ ଅଧ୍ୟକ୍ଷତାରେ ଏକ କାର୍ଯ୍ୟକ୍ରମର ଆୟୋଜନ କରାଯିବ ।

ଶୁଣନ୍ତୁ ଏ ସମ୍ପର୍କରେ ଏକ ରିପୋର୍ଟ...

ଦେଶର ଗଣତାନ୍ତ୍ରିକ ଇତିହାସର ମର୍ଯ୍ୟାଦା କ୍ଷୁଣ୍ଣ କରିଥିବା ୧୯୭୫ ମସିହାର ସେହି ଦିନକୁ ମନେ ପକାଇ ଆଜି ଦେଶର କୋଣ-ଅନୁକୋଣରେ ସମ୍ବିଧାନ ହତ୍ୟା ଦିବସ ପାଳନ କରାଯାଉଛି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ କଳାଦିବସ ଭାବେ ଅଭିହିତ କରି କହିଛନ୍ତି, ଆଜିର ଦିନରେ ଭାରତୀୟ ସମ୍ବିଧାନର ମର୍ଯ୍ୟଦାହାନୀ କରାଯିବା ସହ ଲୋକଙ୍କର ମୌଳିକ ଅଧିକାର ଶେଷ କରି ଦିଆଯାଇଥିଲା। ଗଣମାଧ୍ୟମର ସ୍ୱାଧୀନତାକୁ ମଧ୍ୟ ଛଡ଼ାଇ ନିଆଯାଇଥିଲା। ରାଜନେତା, ସାମାଜିକ କର୍ମୀ, ଛାତ୍ରଛାତ୍ରୀ ଏବଂ ସାଧାରଣ ନାଗରିକଙ୍କୁ

ଜେଲ୍‌ରେ ବନ୍ଦୀ କରି ରଖାଯାଇଥିଲା। ଏହି ସମୟରେ ପ୍ରକୃତରେ ଗଣତନ୍ତ୍ରର ହତ୍ୟା ହୋଇଥିଲା ବୋଲି ଶ୍ରୀ ମୋଦୀ କହିଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ କହିଛନ୍ତି, ଲୋକମାନେ ଏବେ ମଧ୍ୟ ଭାରତୀୟ ଗଣତନ୍ତ୍ରର ସବୁଠାରୁ କଳା ଅଧ୍ୟାୟ ଭାବରେ ଜରୁରୀକାଳୀନ ପରିସ୍ଥିତିକୁ ମନେ ରଖିଛନ୍ତି । ଦେଶ ଉପରେ ଯେଉଁଭଳି ଜରୁରୀକାଳୀନ ପରିସ୍ଥିତି ଲାଗୁ କରାଯାଇଥିଲା, ତାହା କ୍ଷମତାର ଅପବ୍ୟବହାର ଓ ଏକଛାତ୍ରବାଦର ଏକ ଜ୍ୱଳନ୍ତ ଉଦାହରଣ ବୋଲି ଶ୍ରୀ ସିଂହ କହିଛନ୍ତି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପରିପ୍ରେକ୍ଷୀରେ କହିଛନ୍ତି, ଆଜିର ଦିନରେ ସାମ୍ବିଧାନିକ ବିଧି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ କରି ସାଧାରଣ ନାଗରିକଙ୍କୁ ମୌଳିକ ଅଧିକାରକୁ କ୍ଷୁଣ୍ଣ କରାଯାଇଥିଲା। ଗଣତାନ୍ତ୍ରିକ ମୂଲ୍ୟବୋଧ ଉପରେ ହୋଇଥିବା ଏହି ଆଘାତକୁ ସ୍ମରଣ କରିବା ଏବଂ ନିଜର ସାମ୍ବିଧାନିକ ଅଧିକାର ପ୍ରତି ପ୍ରତିଟି ନାଗରିକଙ୍କୁ ସତର୍କ ଓ ସଚେତନ କରାଇବା ଉଦ୍ଦେଶ୍ୟରେ ଏହି ଦିବସ ପାଳନ କରାଯାଉଛି।

ଆସନ୍ତୁ ଆଜିର ଦିନରେ ସମ୍ବିଧାନର ସୁରକ୍ଷା, ଗଣତାନ୍ତ୍ରିକ ମୂଲ୍ୟବୋଧ ଏବଂ ସାମ୍ବିଧାନିକ ଶ୍ରେଷ୍ଠତାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ସଂକଳବଦ୍ଧ ହେବା।

ଆକାଶବାଣୀ, କଟକ ସମ୍ବାଦ ବିଭାଗ ପକ୍ଷରୁ ସ୍ମୃତିରେଖା ତାରେଣିଆ

Desk

## ମନ୍ କୀ ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ରବିବାର ପୂର୍ବାହ୍ନ ୧୧ଟା ସମୟରେ ଆକାଶବାଣୀର ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ଦେଶବାସୀଙ୍କ ସହ ଭାବବିନିମୟ କରିବେ । କାର୍ଯ୍ୟକ୍ରମର ଏହା ହେବ ୧୩୫ତମ ସଂସ୍କରଣ । କାର୍ଯ୍ୟକ୍ରମ ଆକାଶବାଣୀ ଓ ଦୂରଦର୍ଶନର ସମସ୍ତ ନେଟୱର୍କ, ଆକାଶବାଣୀ ୱେବ୍‌ସାଇଟ୍ ଓ Newsonair ମୋବାଇଲ୍ App ରେ ଉପଲବ୍ଧ ହେବ । ଏହା ମଧ୍ୟ ଆକାଶବାଣୀ, DD News, PMO ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୟୁଟ୍ୟୁବ୍ ଚ୍ୟାନେଲ୍‌ରେ ସିଧା ପ୍ରସାରିତ ହେବ । ହିନ୍ଦୀ ଭାଷାରେ ପ୍ରସାରଣ ପରେ ଆକାଶବାଣୀରେ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରାଯିବ । ରାତି ୮ଟାରେ ଆଞ୍ଚଳିକ ଭାଷାନ୍ତରଣର ପୁନଃ ପ୍ରସାରଣ କରାଯିବ ।

BBSR/R

## ମାଗଣା ସ୍କୁଲ ବ୍ୟାଗ୍ ପ୍ରଦାନ

ରାଜ୍ୟରେ ଶିଶୁ ବାଟିକାରୁ ତୃତୀୟ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ମାଗଣା ସ୍କୁଲ ବ୍ୟାଗ୍ ପ୍ରଦାନ କରାଯିବ । ଏ ନେଇ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲା ପ୍ରକଳ୍ପ ସଂଯୋଜକଙ୍କୁ ଓସେପା ପକ୍ଷରୁ ଚିଠି ମାଧ୍ୟମରେ ଅବଗତ କରାଯାଇଛି । ବ୍ଲକସ୍ତରରେ ଓସିକ୍ ପକ୍ଷରୁ ନୂଆ ସ୍କୁଲ ବ୍ୟାଗ୍ ଯୋଗାଇ ଦିଆଯିବ । ପ୍ରକ୍ରିୟାକୁ ଶୀଘ୍ର ଶେଷ କରିବା ପାଇଁ ରାଜ୍ୟ ବିଦ୍ୟାଳୟ ଶିକ୍ଷା ପ୍ରାଧିକରଣ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

Puri

## ଶ୍ରୀମନ୍ଦିର– ରୁକ୍ମିଣୀ ହରଣ

ପୁରୀ ଶ୍ରୀମନ୍ଦିରରେ ଆଜି ଜ୍ୟେଷ୍ଠ ଶୁକ୍ଳ ଏକାଦଶୀ ତିଥିରେ ରୁକ୍ମିଣୀ ହରଣ ଓ ବିବାହ ଉତ୍ସବ ନୀତି ଅନୁଷ୍ଠିତ ହେଉଛି । ଏହି ନୀତି ପାଇଁ ପ୍ରଥମ ଭୋଗମଣ୍ଡପ ଶେଷ ହେବା ପରେ ବର୍ତ୍ତମାନ ସର୍ବସାଧାରଣ ଦର୍ଶନ ବନ୍ଦ ରହିଛି। ଦର୍ଶନ ପ୍ରାୟ ୫ ଘଣ୍ଟା ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ଦୈନନ୍ଦୀନ ନୀତି ଅନୁଯାୟୀ, ଆଜି ସକାଳୁ ଶ୍ରୀଜୀଉଙ୍କ ମଙ୍ଗଳାତି, ମଇଲମ, ତଡ଼ପଲାଗି ଅବକାଶ, ଗୋପାଳବଲ୍ଲଭ ନୀତି ସମ୍ପନ୍ନ ପରେ ସକାଳଧୂପ ଅନୁଷ୍ଠିତ ହୋଇଛି। ସକାଳ ଧୂପ ପୂଜା ବସିଥିବା ସମୟରେ ଦକ୍ଷିଣୀ ଘରେ ଶ୍ରୀ ମଦନମୋହନଙ୍କୁ ଶ୍ରୀକୃଷ୍ଣ ବେଶରେ ସଜ୍ଜିତ କରାଯାଇଛି। ପରେ ପର୍ଯ୍ୟାୟକ୍ରମେ ସମସ୍ତ ନୀତିକାନ୍ତି କରାଯାଇ ସନ୍ଧ୍ୟାରେ ଶ୍ରୀଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କ ସହ ଦେବୀ ରୁକ୍ମିଣୀଙ୍କ ବିବାହ ନୀତି ଅନୁଷ୍ଠିତ ହେବ।

BBSR/R

## ଚଳଚ୍ଚିତ୍ର ପୁରସ୍କାର

ଭୁବନେଶ୍ୱର ସଂସ୍କୃତି ଭବନ ପରିସରରେ ଆଜି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ସାମ୍ବାଦିକ ସମ୍ମିଳନୀର ଆୟୋଜନ କରାଯାଇ ୨୦୨୩ ଓ ୨୦୨୪ ବର୍ଷ ପାଇଁ ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ଘୋଷଣା କରାଯିବ। କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ରହି ମନୋନୀତ କଳାକାରଙ୍କ ନାମ ଘୋଷଣା କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

Desk

# ଅଗ୍ନି ନିରାପତ୍ତା ବାଧ୍ୟତାମୂଳକ

ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସମସ୍ତ ଶିକ୍ଷାନୁଷ୍ଠାନ, କୋଚିଂ ସେଣ୍ଟର ଏବଂ ଦକ୍ଷତା ବିକାଶ କେନ୍ଦ୍ର ଗୁଡ଼ିକରେ ଅଗ୍ନି ନିରାପତ୍ତାକୁ ବାଧ୍ୟତାମୂଳକ କରିଛନ୍ତି । ନୂତନ ଶିକ୍ଷାବର୍ଷ ଆରମ୍ଭରେ ସୁରକ୍ଷା ନିୟମର କଡ଼ାକଡ଼ି ଅନୁପାଳନ ସହ ୧୫ଦିନ ମଧ୍ୟରେ ଅଡିଟ୍ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି । ଉତ୍ତରପ୍ରଦେଶର ଲକ୍ଷ୍ନୌଠାରେ ଘଟିଥିବା ଅଗ୍ନିକାଣ୍ଡକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି । ଏହି ପରିପ୍ରେକ୍ଷୀରେ ସମସ୍ତ ଜିଲ୍ଲାପାଳ ତଥା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି । ଅଧିକ ବିପଦପୂର୍ଣ୍ଣ ବହୁତଳ ବିଶିଷ୍ଟ କୋଠା ଏବଂ ଜନଗହଳିପୂର୍ଣ୍ଣ ସହରାଞ୍ଚଳ ଉପରେ ବିଶେଷ ଧ୍ୟାନ ଦିଆଯିବ ବୋଲି ନିର୍ଦ୍ଦେଶନାମାରେ କୁହାଯାଇଛି। ନିର୍ଦ୍ଧାରିତ ସୁରକ୍ଷା ମାନଦଣ୍ଡର ଅନୁପାଳନ ସୁନିଶ୍ଚିତ କରିବା ପାଇଁ ଯୁଗ୍ମ ଯାଞ୍ଚ ଦଳ’ ବର୍ତ୍ତମାନର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ଏବଂ ଅଣଆପତ୍ତି ପ୍ରମାଣପତ୍ରର ବୈଧତା ଯାଞ୍ଚ କରିବ। ଛାତ୍ରଛାତ୍ରୀମାନଙ୍କ ପାଇଁ ନିୟମିତ ଭାବେ ଅଗ୍ନି ନିର୍ବାପକ ଯନ୍ତ୍ର ବ୍ୟବହାରିକ ପ୍ରଶିକ୍ଷଣ ଓ ମକ୍‌ଡ୍ରିଲ ଆୟୋଜନ କରିବାକୁ ନିର୍ଦ୍ଦେଶନାମାରେ ବାଧ୍ୟତାମୂଳକ କରାଯାଇଛି।

Nuapada

# ମୃତ୍ତିକା ସଂରକ୍ଷଣ ବୈଠକ

ନୂଆପଡ଼ାଠାରେ ଜିଲ୍ଲାପାଳ ମଧୁସୂଦନ ଦାସଙ୍କ ଅଧ୍ୟକ୍ଷତାରେ ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ଉନ୍ନୟନ ବିଭାଗର ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ପ୍ରମୁଖ ଯୋଜନା ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା, ବୃଷ୍ଟି ପୃଷ୍ଟ ଅଞ୍ଚଳ ବିକାଶ ଯୋଜନା, ଜଳଧାରା ଯୋଜନା ଏବଂ କୃଷି ବନୀକରଣ ଯୋଜନା ଆଦିର ଅଗ୍ରଗତି ନେଇ ଆଲୋଚନା କରାଯାଇଛି। ଏହି ଅବସରରେ ଚାଷୀଙ୍କୁ ଉତ୍ସାହିତ କରିବା ଉଦ୍ଦେଶ୍ୟରେ ଜିଲ୍ଲାରେ ୫ଟି ବ୍ଲକରେ ୫ ଜଣ ସଫଳ ଚାଷୀଙ୍କୁ ସମ୍ମାନିତ କରାଯାଇଛି।

Jajpur

## ଜିଲ୍ଲାସ୍ତରୀୟ ହାକାଥନ

ଯାଜପୁର ଜିଲ୍ଲା କୋରେଇ ବ୍ଲକ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ହାକାଥନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲାର ୧୦ ଗୋଟି ବ୍ଲକର ବିଭିନ୍ନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟର ୪୨ଜଣ ଛାତ୍ରଛାତ୍ରୀ ବିଜ୍ଞାନଭିତ୍ତିକ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ।

Bhadrak

## ନିଶାମୁକ୍ତ ଭାରତ ଅଭିଯାନ

ଭଦ୍ରକଠାରେ ଜିଲ୍ଲା ପ୍ରଶାସନ ପକ୍ଷରୁ ନିଶାମୁକ୍ତ ଭାରତ ଅଭିଯାନ, ମାଦକ ଦ୍ରବ୍ୟରୁ ଦୂରେଇ ରହିବା ନେଇ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, ବରିଷ୍ଠ ନାଗରିକ ପ୍ରମୁଖ ନଗର ପରିକ୍ରମା କରି ଜନସାଧାରଣଙ୍କୁ

ନିଶାସେବନଠାରୁ ଦୂରେଇ ରହି ସୁସ୍ଥ ସମାଜ ଗଠନ କରିବା ଲାଗି ସଚେତନ କରାଇଥିଲେ। ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କ ଅଧ୍ୟକ୍ଷତାରେ ନିଶା ନିବାରଣ ସଂକ୍ରାନ୍ତରେ ଅନୁଷ୍ଠିତ ସଭାରେ ବିଶିଷ୍ଟ ବ୍ୟକ୍ତିମାନେ ଯୋଗଦେଇ ନିଶାମୁକ୍ତ ଭାରତ ଗଠନ କରିବା ଲାଗି ପରାମର୍ଶ ଦେଇଥିଲେ।

Ganjam

## ଏସ୍.ଆଇ.ଆର୍

ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମ ଅନ୍ତର୍ଗତ ଗଞ୍ଜାମ ଜିଲ୍ଲାରେ ମୋଟ୍ ୩ ହଜାର ୧୨୪ଟି ମତଦାନ କେନ୍ଦ୍ର ମଧ୍ୟରୁ ୨ ହଜାର ୭୩୧ଟି ବୁଥ୍‌ରେ ଶତପ୍ରତିଶତ ଡିଜିଟାଇଜେସନ୍ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଛି। ଅବଶିଷ୍ଟ ୩୯୩ଟି ବୁଥ୍‌ରେ ଡିଜିଟାଇଜେସନ୍ କାର୍ଯ୍ୟ ଜାରି ରହିଛି। ନିର୍ବାଚନ ପଞ୍ଜୀକରଣ ଅଧିକାରୀ ଓ ସହକାରୀ ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବି.ଏଲ୍.ଓ – ବୈଠକରେ ମତଦାତା ତାଲିକାରେ ନୂତନ ନାମ ସଂଯୋଗୀକରଣ, ଏକାଧିକ ସ୍ଥାନରେ ଥିବା ଭୋଟରଙ୍କ ନାମ ବାଦ୍ ଦେବା ଆଦି ସମ୍ପର୍କରେ ଆଲୋଚନା କରାଯାଇଛି। ଭୋଟରମାନେ ନିର୍ବାଚନ ଆୟୋଗଙ୍କ ପୋର୍ଟାଲରୁ ଫର୍ମ ଡାଉନଲୋଡ କରି ପୂରଣ କରିବା ପରେ ଅନଲାଇନ୍‌ରେ ମଧ୍ୟ ନାମ ପଞ୍ଜୀକରଣ ପାଇଁ ଦାଖଲ କରିପାରି ବୋଲି ବୈଠକରେ ସୂଚନା ଦିଆଯାଇଛି।

Boudh

## ଶିଶୁ ବିକାଶ ସମନ୍ୱୟ ବୈଠକ

ବୌଦ୍ଧ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରେ ମହିଳା ଓ ଶିଶୁ ବିକାଶ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଜିଲ୍ଲାରେ ମାତୃ ଓ ଶିଶୁ ମୃତ୍ୟୁହାରର ସମୀକ୍ଷା କରିଥିଲେ । ଗର୍ଭସ୍ଥ ଶିଶୁ ମୃତ୍ୟୁହାର ଶୂନ୍ୟରେ ପହଁଞ୍ଚାଇବା ଲକ୍ଷ୍ୟରେ ସ୍ୱାସ୍ଥ୍ୟସେବାକୁ ଅଧିକ ସୁଦୃଢ଼ କରିବାକୁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ବୌଦ୍ଧ ଜିଲ୍ଲାପାଳ ବିଭୂତି ଭୂଷଣ ନାୟକଙ୍କ ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରି-କନସେପସନ୍ ଏବଂ ପ୍ରି-ନାଟାଲ ଡାଇଗ୍ନୋଷ୍ଟିକ୍ ଟେକନିକ୍ସ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଭ୍ରୂଣ ଲିଙ୍ଗ ନିର୍ଣ୍ଣୟ ଓ ଭ୍ରୂଣ ହତ୍ୟା ଭଳି ବେଆଇନ କାର୍ଯ୍ୟକଳାପକୁ ସମ୍ପୂର୍ଣ୍ଣ ରୋକିବା ପାଇଁ ଅଲଟ୍ରାସାଉଣ୍ଡ କେନ୍ଦ୍ରଗୁଡ଼ିକ ଉପରେ କଡ଼ା ନଜର ରଖିବା ଲାଗି ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ ।

Jajapur

## ଶିଶୁ ଶ୍ରମିକ ବୈଠକ

ଯାଜପୁରଠାରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଶିଶୁ ଶ୍ରମିକ ସମ୍ବନ୍ଧୀୟ ଟାସ୍କଫୋର୍ସ ଗଠନ ଏବଂ ସଚେତନତା ସଂକ୍ରାନ୍ତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଯାଜପୁର ବ୍ଲକ ଓ ପୌରପାଳିକାର ବିଭିନ୍ନ ସ୍ଥାନରେ ଶ୍ରମ ଅଧିକାରୀଙ୍କ ପକ୍ଷରୁ ଚଢ଼ଉ କରାଯାଇ ବିପଦ ସଂକୁଳ କାର୍ଯ୍ୟରେ ନିୟୋଜିତ କିଶୋର ଓ ଶିଶୁଙ୍କୁ ଉଦ୍ଧାର କରାଯାଇଛି ।

Desk

## ହକି ଇଣ୍ଡିଆ

ହକି ଇଣ୍ଡିଆ ପକ୍ଷରୁ ଆଗାମୀ ଇଂଲଣ୍ଡ ଗସ୍ତ ଲାଗି ୨୪ ଜଣିଆ ଭାରତୀୟ କନିଷ୍ଠ ମହିଳା ଦଳ ଘୋଷଣା କରାଯାଇଛି । ଦଳରେ ଓଡ଼ିଶାର ୪ ଜଣ ହର୍ଷରାଣୀ ମିଞ୍ଜ, ପୂଜା ସାହୁ, ତନୁଜା ଟୋପ୍ପୋ ଓ ସୁପ୍ରିୟା କୁଜୁର ରହିଛନ୍ତି । ଆସନ୍ତା ମାସ ୫ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ଭାରତ ୭ଟି ମ୍ୟାଚ୍ ଖେଳିବ । ପ୍ରଥମେ ସ୍କଟଲାଣ୍ଡର ବରିଷ୍ଠ ଦଳ ସହ ଦୁଇଟି ମ୍ୟାଚ୍ ଖେଳିବା ପରେ ଆମେରିକା, ଇଂଲଣ୍ଡ ଓ ବେଲଜିୟମ କନିଷ୍ଠ ଦଳ ବିପକ୍ଷରେ ପାଞ୍ଚଟି ମ୍ୟାଚ୍ ଖେଳିବ ।

Desk

## ପାଣିପାଗ

ରାଜ୍ୟରେ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ସକ୍ରିୟ ରହିଛି । ଆସନ୍ତା ୨୪ ଘଣ୍ଟା ମଧ୍ୟରେ ବଜ୍ରପାତ ସହ ବର୍ଷା ହେବା ନେଇ ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପ୍ରାୟ ସମସ୍ତ ଜିଲ୍ଲାକୁ ସତର୍କ ସୂଚନା ଜାରି କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ କନ୍ଧମାଳ ଜିଲ୍ଲାର ଦାରିଙ୍ଗିବାଡ଼ିରେ ସର୍ବାଧିକ ୫୯ ମିଲିମିଟର ବର୍ଷା ରେକର୍ଡ କରାଯାଇଛି । ଆସନ୍ତା ୩ ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମଧରଣର ବର୍ଷା ସମ୍ଭାବନା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି ।